بسم الله الرحمن الرحيم

**ଖୁତ୍‌ବା ଜୁମା ୪ ଡ଼ିସେମ୍ବର ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ବ୍ରିଟେନ୍**

# *ଆଁହଜ୍‌ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବୀ ହଜ୍‌ରତ ଅଲୀ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ: ଗତ ଖୁତ୍‌ବାରୁ ହଜ଼ରତ ଅଲୀ ବିନ୍ ଅବୁ ତାଲିବ୍ ର.ଅଙ୍କ ଚର୍ଚ୍ଚା ଚାଲିଛି । ସେହି କ୍ରମରେ ଆଜି ହଜ଼ରତ ଅଲୀ ର.ଅଙ୍କ ମୈତ୍ରିକ ସଂପର୍କ ସ୍ଥାପନ କରିବା ସଂକ୍ରାନ୍ତୀୟ ଘଟଣା ବର୍ଣ୍ଣନା କରିବି । ଆଁହଜ଼ରତ ସ.ଅ ହଜ଼ରତ ଅଲୀ ର.ଅଙ୍କୁ ଦୁଇଥର ନିଜର ଭାଇ ବୋଲି ସମ୍ବୋଧିତ କରିଥିଲେ । ପ୍ରଥମ ଥର ଆଁହଜ଼ରତ ସ.ଅ ପ୍ରବାସାକୀରଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ ଏବଂ ଦ୍ୱିତୀୟ ଥର ଆଁହଜ଼ରତ ସ.ଅ ପ୍ରବାସକାରୀ ଓ ଅନ୍‌ସାର୍‌ଙ୍କ ମଧ୍ୟରେ ପ୍ରବାସ ପରେ ମୈତ୍ରିକ ସଂପର୍କ ରକ୍ଷା କରିଥିଲେ । ଏପରି ଦୁଇଥର ଆଁହଜ଼ରତ ସ.ଅ ହଜ଼ରତ ଅଲୀ ର.ଅଙ୍କୁ ନିଜର ଭାଇ ବୋଲି ବିବେଚିତ କରିଥିଲେ ଏବଂ କହିଲେ ହେ ଅଲୀ ! ତୁମେ ଇହକାଳ ଓ ପରକାଳରେ ମୋର ଭାଇ ଅଟ ।

ହଜ଼ରତ ଅଲୀ ର.ଅ ବଦର୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ଆଁହଜ଼ରତ ସ.ଅଙ୍କ ସାଥିରେ ସାମିଲ୍ ଥିଲେ। ହଜ଼ରତ ଅଲୀ ର.ଅ କେବଳ ତବୁକ୍ ଯୁଦ୍ଧରେ ସାମିଲ ହୋଇ ନଥିଲେ । ତବୁକ୍ ଯୁଦ୍ଧରେ ଆଁହଜ଼ରତ ସ.ଅ ହଜ଼ରତ ଅଲୀ ର.ଅଙ୍କୁ ନିଜ ପରିବାରବର୍ଗଙ୍କ ତତ୍ତ୍ୱାବଧାନ କରିବା ନିମନ୍ତେ ନିଯୁକ୍ତ କରିଥିଲେ । ହଜ଼ରତ ସାଆଲବା ବିନ୍ ଅବୁ ମାଲିକ୍ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ସାଆଦ୍ ବିନ୍ ଉବାଦା ପ୍ରତ୍ୟେକ ଅବସରରେ ଆଁହଜ଼ରତ ସ.ଅଙ୍କ ପକ୍ଷରୁ ଧ୍ୱଜାଧାରୀ ଥିଲେ । କିନ୍ତୁ ଯୁଦ୍ଧ ସମୟରେ ହଜ଼ରତ ଅଲୀ ବିନ୍ ଅବୁ ତାଲିବ୍ ର.ଅଙ୍କ ଅଧୀନରେ ଇସ୍‌ଲାମୀୟ ଧ୍ୱଜା ରହୁଥିଲା ।

ଉଶୈରାହ୍ ଯୁଦ୍ଧ ଜମାଦିଉଲ୍ ଉଲା ୨ ହିଜରୀରେ ଘଟିଥିଲା । ହଜ଼ରତ ଅମ୍ମାର୍ ବିନ୍ ୟାସିର୍ ବର୍ଣ୍ଣନା କରନ୍ତି ଯେ, ଉଶୈରାହ୍ ଯୁଦ୍ଧରେ ହଜ଼ରତ ଅଲୀ ଓ ମୁଁ ଯାତ୍ରା ପଥର ବନ୍ଧୁ ଥିଲୁ । ସେଦିନ ଆଁହଜ଼ରତ ସ.ଅ ହଜ଼ରତ ଅଲୀ ର.ଅଙ୍କ ଶରୀରରେ ଧୂଳିମାଟି ଦେଖି କହିଲେ ହେ ଅବୁ ତୁରାବ୍ ! ଏହାପରେ ଆଁହଜ଼ରତ ସ.ଅ କହିଲେ ମୁଁ ତୁମକୁ ଦୁଇଟି ହତଭାଗ୍ୟ ବ୍ୟକ୍ତିଙ୍କ ବିଷୟରେ କହିବି ନାହିଁ କି ? ଆମେ କହିଲୁ ହେ ଅଲ୍ଲାଃଙ୍କ ରସୁଲ ! ଅବଶ୍ୟ କୁହନ୍ତୁ । ଆଁହଜ଼ରତ ସ.ଅ କହିଲେ ପ୍ରଥମ ବ୍ୟକ୍ତି ହେଉଛି ସମୁଦ୍ ସଂପ୍ରଦାୟର ଓହେମର୍ ନାମକ ଜଣେ ଦୁର୍ବୃତ୍ତ ବ୍ୟକ୍ତି ଯିଏ ସ୍ୱାଲେହ୍ ଅ.ସଙ୍କ ଓଟର ଗୋଡ଼ କାଟି ଦେଇଥିଲା ଏବଂ ଦ୍ୱିତୀୟ ବ୍ୟକ୍ତି ଯିଏକି ତୁମ ମୁଣ୍ଡ ଉପରେ ପ୍ରହାର କରିବ । ଏପର୍ଯ୍ୟନ୍ତକି ତୁମର ଦାଢି ରକ୍ତରେ ଭିଜିଯିବ ।

ବଦର୍ ଯୁଦ୍ଧ ୨ ହିଜରୀ ଅନୁଯାୟୀ ୬୨୩ ଖ୍ରୀ.ଅରେ ଘଟିଥିଲା । ବଦର୍ ଯୁଦ୍ଧ ଅବସରରେ ଉଭୟ ପକ୍ଷର ସୈନ୍ୟଦଳ ଯେତେବେଳେ ମୁହାଁମୁହିଁ ହେଲେ ସେତେବେଳେ ସର୍ବପ୍ରଥମେ ରବିୟାର ଦୁଇ ପୁତ୍ର ଉତ୍‌ବା ଏବଂ ୱଲିଦ୍ ବିନ୍ ଉତ୍‌ବା ବାହାରିଲେ ଏବଂ ଯୁଦ୍ଧ ପାଇଁ ମୁସଲମାନମାନଙ୍କୁ ଆମନ୍ତ୍ରିତ କଲେ । ତେବେ ବନୁ ହାରିସ୍ ସଂପ୍ରଦାୟର ତିନିଜଣ ଅନ୍‌ସାର୍ ମୁଆଜ୍, ମୁଅୱଜ୍ ଓ ଔଫ୍ ଯେଉଁମାନେ ଇଫ୍ରାର ପୁତ୍ର ଥିଲେ ସେମାନେ ମୁକାବିଲା ନିମନ୍ତେ ବାହାରିଲେ । କିନ୍ତୁ ଆଁହଜ଼ରତ ସ.ଅ ସେମାନଙ୍କୁ ଫେରି ଆସିବାକୁ କହିଲେ ଏବଂ କହିଲେ ହେ ବନୁ ହାଶିମ୍ ଉଠ ଏବଂ ନିଜ ଅଧିକାର ଲାଗି ସଂଗ୍ରାମ କର । ଯେଉଁ ସତ୍ୟର ପ୍ରତିଷ୍ଠା ନିମନ୍ତେ ଅଲ୍ଲାଃତାଲା ତୁମ ନବୀଙ୍କୁ ଅବତୀର୍ଣ୍ଣ

କରିଛନ୍ତି । ସୁତରାଂ ହଜ଼ରତ ହମ୍ଜ଼ା ର.ଅ, ହଜ଼ରତ ଅଲୀ, ହଜ଼ରତ ଉବୈଦାହ୍ ର.ଅ ଛିଡ଼ା ହେଲେ ଏବଂ ଶତ୍ରୁମାନଙ୍କ ଆଡ଼କୁ ଅଗ୍ରସର ହେଲେ । ଉତ୍‌ବା ନିଜ ପୁତ୍ରଙ୍କୁ କହିଲା ହେ ୱଲିଦ୍ ଉଠ ! ସୁତରାଂ ହଜ଼ରତ ଅଲୀ ର.ଅ ତାହା ସହିତ ମୁକାବିଲା କରିବାକୁ ଗଲେ ଏବଂ ଉଭୟଙ୍କ ମଧ୍ୟରେ ଖଡ଼୍‌ଗ ଯୁଦ୍ଧ ଆରମ୍ଭ ହେଲା ଏବଂ ହଜ଼ରତ ଅଲୀ ର.ଅ ତାହାକୁ ପରାସ୍ତ କରି ବଧ କରିଦେଲେ । ଏହପାରେ ଉତ୍‌ବା ଛିଡ଼ା ହେଲା । ହଜ଼ରତ ହମ୍ଜ଼ା ର.ଅ ତାହାକୁ ବଧ କରିଦେଲେ । ଏହାପରେ ଶୈବା ଛିଡ଼ା ହେଲା । ହଜ଼ରତ ଉବୈଦାହ୍ ର.ଅ ନିଜର ବାର୍ଦ୍ଧକ୍ୟ ସତ୍ତ୍ୱେ ତାହାକୁ ନିହତ କରିଥିଲେ । ହଜ଼ରତ ଉବୈଦାହ୍ ର.ଅଙ୍କ ଗୋଡ଼ ଉପରେ ଶୈବା ପ୍ରହାର କଲା ଯଦ୍ୱାରା ଖଡ଼୍‌ଗର ଅଗ୍ରଭାଗ ତାଙ୍କ ଗୋଇଠିରେ ବାଜିଥିଲା । ଯାହାଫଳରେ ଖଡ଼୍‌ଗଟି ତାଙ୍କ ଗୋଇଠିରେ ମାଂଶକୁ ବିଦୀର୍ଣ୍ଣ କରିଥିଲା । ହଜ଼ରତ ହମ୍ଜ଼ା ଓ ହଜ଼ରତ ଅଲୀ ର.ଅ ଆଗକୁ ଅଗ୍ରସର ହୋଇ ଶୈବା ଉପରେ ଆକ୍ରମଣ କଲେ ଏବଂ ତାହାର କାମ ତମାମ୍ କରି ଦେଇଥଲେ ।

ହଜ଼ରତ ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜ଼ରତ ସ.ଅ ବଦର୍ ଯୁଦ୍ଧ ଅବସରରେ ମୋର ଏବଂ ହଜ଼ରତ ଅବୁ ବକ୍କର ର.ଅଙ୍କ ବିଷୟରେ କହିଲେ ତୁମ ଦୁହିଁଙ୍କ ମଧ୍ୟରୁ ଦକ୍ଷିଣ ପାର୍ଶ୍ୱରେ ହଜ଼ରତ ଜିବ୍ରାଇଲ୍ ଅ.ସ ବିଦ୍ୟମାନ ଅଛନ୍ତି ଏବଂ ବାମ ପାର୍ଶ୍ୱରେ ହଜ଼ରତ ମିକାଇଲ୍ ଅ.ସ ବିଦ୍ୟମାନ ଅଛନ୍ତି ଓ ମହାନ ଈଶ୍ୱରଦୂତ ହଜ଼ରତ ଇସ୍ରାଫିଲ୍ ଅ.ସ ଯିଏକି ଯୁଦ୍ଧ ସମୟରେ ଧାଡ଼ି ମଧ୍ୟରେ ବିଦ୍ୟମାନ ଅଛନ୍ତି ।

ହଜ଼ରତ ଅଲୀ ର.ଅଙ୍କର ହଜ଼ରତ ଫାତିମା ର.ଅଙ୍କ ସହିତ ୨ ହିଜରୀରେ ବିବାହ ହୋଇଥିଲା । ହଜ଼ରତ ଅଲୀ ର.ଅ ଆଁହଜ଼ରତ ସ.ଅଙ୍କ ସେବାରେ ହଜ଼ରତ ଫାତିମା ର.ଅଙ୍କୁ ବିବାହ କରିବା ପାଇଁ ଆବେଦନ କରିଥିଲେ । ଯାହାକୁ ଆଁହଜ଼ରତ୍ ସ.ଅ ସାଦରେ ଗ୍ରହଣ କରି ନେଇଥିଲେ । ଆଁହଜ଼ରତ ସ.ଅ ହଜରତ ଅଲୀ ର.ଅଙ୍କୁ କହିଲେ ଯେ, କ'ଣ ତୁମ ପାଖରେ ନିଜ ସ୍ତ୍ରୀକୁ ମେହେର୍ ଦେବା ଲାଗି କିଛି ଜିନିଷ ଅଛି ? ମୁଁ ଅର୍ଥାତ ହଜ଼ରତ ଅଲୀ ର.ଅ କହିଲି କି ମୋ ଅଶ୍ୱ ଓ ମୋର ଯୁଦ୍ଧ ପୋଷାକ (କବଚ) ହିଁ ମେହେର୍ ଅଟେ । ଆଁହଜ଼ରତ ସ.ଅ କହିଲେ ନିଜର ଯୁଦ୍ଧ ପୋଷାକକୁ ବିକ୍ରି କରିଦିଅ । ସୁତରାଂ ମୁଁ ଯୁଦ୍ଧ ପୋଷାକକୁ ୪୮୦ ଦିର୍‌ହମ୍‌ରେ ବିକ୍ରି କରି ଧାର୍ଯ୍ୟ ମେହେରର ବନ୍ଦୋବସ୍ତ କଲି । ହୁଜୁର ଅନୱର ଅ.ବ କହିଲେ ଲୋକମାନେ କହନ୍ତି କି ଆଗ ଧାର୍ଯ୍ୟ ମେହେର ରଖିନିଅ ତା'ପରେ ଯାହାହେବ ଦେଖାଯିବ ପରେ ଦେଇଦବୁ । କିନ୍ତୁ ଆଁହଜ଼ରତ ସ.ଅ ତ' କହିଥିଲେ ଯେ, ଆଗ ଧାର୍ଯ୍ୟ ମେହେର (ନବ ବଧୂକୁ ଦେବା)ର ବ୍ୟବସ୍ଥା କର । ଏହାର ଅର୍ଥ ମେହେର ତୁରନ୍ତ ପୈଠ କରିବା ଉଚିତ । କେତେକ ଲୋକ ମୋତେ ପତ୍ର ଲେଖନ୍ତି ଯେ, ମହିଳାମାନେ ପ୍ରଥମେ ଧାର୍ଯ୍ୟ ମେହେର ମାଗି ନିଅନ୍ତି । କିନ୍ତୁ ଆମେମାନେ ତ' ହସ ଖୁସିରେ ଜୀବନ ବିତାଉଛୁ । **ହୁଜୁର ଅନୱର ଅ.ବ କହିଲେ ମହିଳାମାନେ ଯଦି ପ୍ରାଥମିକ ପର୍ଯ୍ୟାୟରେ ହିଁ ମେହେର ମାଗନ୍ତି ତେବେ ତାହା ତାଙ୍କର ଅଧିକାର । ତେଣୁ ସେହି ସମୟରେ ହିଁ ତାଙ୍କୁ ତାଙ୍କର ଧାର୍ଯ୍ୟ ଅଧିକାର ପ୍ରଦାନ କରିଦେବା ଉଚିତ ।**

ଝିଅ ବିଦା ହେବା ପରେ ଆଁହଜ଼ରତ ସ.ଅ ହଜ଼ରତ ଅଲୀ ର.ଅଙ୍କୁ କହିଲେ, ହଜ଼ରତ ଫାତିମା ର.ଅ ଯେତେବେଳେ ତୁମ ନିକଟକୁ ଆସିବେ ଏବଂ ମୁଁ ଯେପର୍ଯ୍ୟନ୍ତ ନଆସି ଯାଇଛି ସେପର୍ଯ୍ୟନ୍ତ ତୁମେ ଫାତିମାଙ୍କ ସହିତ କଥାବାର୍ତ୍ତା ହେବ ନାହିଁ । ଯେତେବେଳେ ଆଁହଜ଼ରତ ସ.ଅ ଆସିଲେ ସେତେବେଳେ ହଜ଼ରତ ଫାତିମା ର.ଅଙ୍କୁ କହିଲେ ମୋ ପାଇଁ ଜଳ ଆଣ । ସେ ଯାଇ ଜଳ ଆଣିଲେ ଆଁହଜ଼ରତ ସ.ଅ ଜଳ ପାତ୍ରକୁ ଧରିଲେ ଏବଂ କୁଳି କଲେ। ଏହାପରେ ହଜ଼ରତ ଫାତିମା ର.ଅଙ୍କ ମୁଣ୍ଡ ଉପରେ ଜଳ ଛିଞ୍ଚିଲେ ଏବଂ ଆଶୀର୍ବାଦ ଦେଇ କହିଲେ ହେ ଅଲ୍ଲାଃ ! ଫାତିମାକୁ ଓ ତା'ର ସନ୍ତାନସନ୍ତତିଙ୍କୁ ବିତାଡ଼ିତ ଶୈତାନ୍ କବଳରୁ ରକ୍ଷା କରି ନିଜର ଶରଣରେ ସ୍ଥାନ ଦିଅ । ଆଁହଜ଼ରତ ସ.ଅ ପୁନଶ୍ଚ କହିଲେ କି ଦ୍ୱିତୀୟ ପାର୍ଶ୍ୱ ଆଡ଼କୁ ମୁହଁ କର । ସୁତରାଂ ସେମାନେ ଯେତେବେଳେ ଦ୍ୱିତୀୟ

ପାର୍ଶ୍ୱ ଆଡ଼କୁ ମୁହଁ କଲେ ସେତେବେଳେ ଆଁହଜ଼ରତ ସ.ଅଙ୍କ ସେମାନଙ୍କ କାନ୍ଧ ମଧ୍ୟରେ ଜଳ ଛିଞ୍ଚିଲେ । ଆଁହଜ଼ରତ ସ.ଅ ହଜ଼ରତ ଅଲୀ ର.ଅଙ୍କ ସହିତ ମଧ୍ୟ ଏହିପରି ବ୍ୟବହାର ପ୍ରଦର୍ଶନ କଲେ । ହଜ଼ରତ ଫାତିମା ର.ଅ ଆଁହଜ଼ରତ ସ.ଅଙ୍କର ସନ୍ତାନସନ୍ତତିଙ୍କ ମଧ୍ୟରେ କନିଷ୍ଠ ସନ୍ତାନ ଥିଲେ । ସେ ହଜ଼ରତ ଖଦିଜାଙ୍କ ଗର୍ଭରୁ ଜାତ ହୋଇଥିଲେ ଏବଂ ଆଁହଜ଼ରତ ସ.ଅ ନିଜ ସନ୍ତାନମାନଙ୍କ ମଧ୍ୟରେ ହଜ଼ରତ ଫାତିମା ର.ଅଙ୍କୁ ସର୍ବାଧିକ ଗେହ୍ଲ ଓ ସ୍ନେହ ଆଦର କରୁଥିଲେ ।

ହଜ଼ରତ ଅଲୀ ର.ଅ ଓ ହଜ଼ରତ ଫାତିମା ର.ଅ ନିଜର ଦାରିଦ୍ର୍ୟତା ଏବଂ ଅଭାବ ସତ୍ତ୍ୱେ ମିତବ୍ୟୟତା ଏବଂ ଧର୍ମପରାୟଣତାର ସର୍ବୋଚ୍ଚ ଉଦାହରଣ ପ୍ରଦର୍ଶନ କରୁଥିଲେ । ହଜ଼ରତ ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ହଜ଼ରତ ଫାତିମା ର.ଅ ଚକ୍କି ଚଳାଇବା ଯୋଗୁଁ ତାଙ୍କ ହାତରେ ଯନ୍ତ୍ରଣା ହେଉଥିଲା । ଅତଏବ୍ ସେ ଯେତେବେଳେ ନିଜ ପିତାଙ୍କ ନିକଟକୁ ଆସିଲେ ସେତେବେଳେ ଆଁହଜ଼ରତ ସ.ଅଙ୍କ ନିକଟରେ କିଛି କୈଦୀ ଥିଲେ । କିନ୍ତୁ ଆଁହଜ଼ରତ ସ.ଅ ସେତେବେଳେ ଘରେ ଉପସ୍ଥିତ ନଥିଲେ । ସେ ଅର୍ଥାତ ହଜ଼ରତ ଫାତିମା ର.ଅ ହଜ଼ରତ ଆଏଶା ର.ଅଙ୍କୁ ସାକ୍ଷାତ କଲେ ଏବଂ ତାଙ୍କୁ ନିଜ ଆଗମନର ଉଦ୍ଦେଶ୍ୟ ଜଣାଇଲେ । ଅତଏବ୍ ଆଁହଜ଼ରତ ସ.ଅ ଯେତେବେଳେ ଘରକୁ ଆସିଲେ ସେତେବେଳେ ହଜ଼ରତ ଆଏଶା ର.ଅ ହଜ଼ରତ ଫାତିମା ର.ଅଙ୍କ ନିଜ ବାସ ଭବନକୁ ଆସିବାର ଉଦ୍ଦେଶ୍ୟ ସଂପର୍କରେ ଅବଗତ କଲେ । ହଜ଼ରତ ଅଲୀ ର.ଅ କହନ୍ତି ନବୀ କରୀମ୍ ସ.ଅ ଯେତେବେଳେ ଆମ ନିକଟକୁ ଆସିଲେ ଆମେ ସେତେବେଳେ ବିଶ୍ରାମ ନେବାର ପ୍ରସ୍ତୁତି କରୁଥିଲୁ । ହୁଜୁର ସ.ଅଙ୍କୁ ଦେଖି ଆମେମାନେ ଛିଡ଼ା ହେବା ପାଇଁ ଉଦ୍ୟମ କଲୁ ସେତେବେଳେ ଆଁହଜ଼ରତ ସ.ଅ କହିଲେ ନିଜ ସ୍ଥାନରେ ବସି ରୁହ ଏବଂ ଆଁହଜ଼ରତ ସ.ଅ ଆସି ଆମ ଦୁହିଁଙ୍କ ମଝିରେ ବସି ପଡ଼ିଲେ, ଏପର୍ଯ୍ୟନ୍ତକି ମୁଁ ଆଁହଜ଼ରତ ସ.ଅଙ୍କ ପାଦର ଶୀତଳତା ଅନୁଭବ କଲି । ଆଁହଜ଼ରତ ସ.ଅ କହିଲେ କ'ଣ ମୁଁ ତୁମ ଦୁହିଁଙ୍କୁ ଏକ ଅତି ଉତ୍ତମ କଥା କହିବି ନାହିଁ ଯାହା ତୁମେମାନେ ଚାହିଁଥିଲ ଏବଂ ତାହା ଏହି କି ଯେ, ଯେତେବେଳେ ତୁମେମାନେ ନିଜ ଶେଯକୁ ଶୋଇବାକୁ ଯାଅ ସେତେବେଳେ **୩୪ ଥର ଅଲ୍ଲାଃହୁ ଅକ୍‌ବର୍, ୩୩ ଥର ସୁବ୍‌ହାନଲ୍ଲାଃ, ୩୩ ଥର ଅଲ୍‌ହମ୍‌ଦୁ ଲିଲ୍ଲାଃ ଜପ କର** । ଏହା ତୁମମାନଙ୍କ ପାଇଁ ଦାସର ଆବଶ୍ୟକତା ଠାରୁ ଅଧିକ ଶ୍ରେୟସ୍କର ସାବ୍ୟସ୍ତ ହେବ ।

ହଜ଼ରତ ମୁସଲେହ୍ ମଉଦ୍ ର.ଅ ଆଁହଜ଼ରତ ସ.ଅଙ୍କ ଜୀବନୀ ବିଷୟରେ ବର୍ଣ୍ଣନା କରନ୍ତି ଯେ, ଉକ୍ତ ଘଟଣାରୁ ଏହା ଅନୁମିତ ହୁଏ ଯେ, ଆଁହଜ଼ରତ ସ.ଅ ଧନ ବାଣ୍ଟିବା ବେଳେ ଅଧିକ ସଚେତନ ଓ ଯତ୍ନବାନ ଥିଲେ । କାରଣ ଆଁହଜ଼ରତ ସ.ଅଙ୍କ ନିକଟକୁ ଯେଉଁ ଅର୍ଥ ଆସୁଥିଲା ତାହା ଆପଣ ସାହାବାମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ ଏବଂ ହଜ଼ରତ ଅଲୀ ସାହାବାଙ୍କ ମଧ୍ୟରୁ ଜଣେ ହେବା ଯୋଗୁଁ ତାଙ୍କର ମଧ୍ୟ ଉକ୍ତ ମାଲେ ଗନିମତ୍‌ରେ ଅଧିକାର ଥିଲା ଏବଂ ହଜ଼ରତ ଫାତିମା ର.ଅଙ୍କର ମଧ୍ୟ ଉକ୍ତ ଅର୍ଥରେ ଅଧିକାର ଥିଲା । କିନ୍ତୁ ଆଁହଜ଼ରତ ସ.ଅ ଅତ୍ୟନ୍ତ ସାବଧାନତା ଅବଲମ୍ବନ କଲେ ଏବଂ ଏହା ଇଚ୍ଛା କଲେ ନାହିଁ ଯେ, ଉକ୍ତ ପ୍ରାପ୍ତ ଧନକୁ ସେ ନିଜ ବନ୍ଧୁ ପରିଜନମାନଙ୍କୁ ପ୍ରଦାନ କରିବେ। କାରଣ ସମ୍ଭବତଃ ଏପରି କରିବା ଦ୍ୱାରା ଆଗାମୀ ବଂଶଧରମାନେ ଏହାର ବିପରିତ ଅର୍ଥ ଭାବି ବସିବେ ଏବଂ ନିଜକୁ ନୃପତି ମନେ କରିବେ ଏବଂ ଲୋକମାନଙ୍କର ଅର୍ଥକୁ ବୈଧ ବୋଲି ଭାବି ବସିବେ । ସୁତରାଂ ସତର୍କତାକୁ ଦୃଷ୍ଟିରେ ରଖି ଯେତେବେଳେ ଆଁହଜ଼ରତ ସ.ଅଙ୍କ ନିକଟକୁ ଉକ୍ତ ମାଲେ ଗନିମତ୍, ଦାସ ଏବଂ ଦାସୀ ବାଣ୍ଟିବା ପାଇଁ ଆସିଥିଲା ଆଁହଜ଼ରତ ସ.ଅ ସେଥିରୁ ହଜ଼ରତ ଫାତିମା ର.ଅଙ୍କୁ କୁଟା ଖିଅଟିଏ ମଧ୍ୟ ଦେଲେ ନାହିଁ । କ'ଣ ସଂସାର ଏଭଳି ଦୃଷ୍ଟାନ୍ତ ଦେଇ ପାରିବ ଯେଉଁଭଳି ବୈତୁଲ୍ ମାଲର ଦୃଷ୍ଟାନ୍ତ ଆଁହଜ଼ରତ ସ.ଅ ଲୋକଙ୍କ ଆଗରେ ରଖିଛନ୍ତି ?

ହଜ଼ରତ ଅଲୀ ବିନ୍ ତାଲିବ୍ ବର୍ଣ୍ଣନା କରନ୍ତି ଯେ, ଏକଦା ଆଁହଜ଼ରତ ସ.ଅ ରାତ୍ର ସମୟରେ ତାଙ୍କ ଏବଂ ତାଙ୍କର ସୁପୁତ୍ରୀ ହଜ଼ରତ ଫାତିମା ର.ଅଙ୍କ ନିକଟକୁ ଆସିଲେ ଏବଂ କହିଲେ କ'ଣ ତୁମେ ଦୁହେଁ ନମାଜ଼ ପଢୁ ନାହଁ କି ? ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ ! ଆମମାନଙ୍କର ପ୍ରାଣ ଅଲ୍ଲାଃତାଲାଙ୍କ ହସ୍ତରେ ରହିଛି । ସେ ଯେତେବେଳେ ଚାହିଁବେ ସେ ଆମମାନଙ୍କୁ ଇହ ଧାମରୁ ନେଇଯିବେ । ଆଁହଜ଼ରତ ସ.ଅ ମୋତେ ଉକ୍ତ ପ୍ରଶ୍ନର ଉତ୍ତର ପ୍ରଦାନ କଲେ ନାହିଁ ଏବଂ

ଏହାପରେ ଆଁହଜ଼ରତ ସ.ଅ ସେଠାରୁ ଫେରି ଆସିଲେ । ଅର୍ଥାତ ତହିଁରୁ ନମାଜ଼ ତହଜ୍ଜୁଦ୍ ପଢିବା ଯଥାର୍ଥ ଅଟେ । ଯେତେବେଳେ ଆମ ଘରୁ ବାହୁଡ଼ି ଯାଉଥିଲେ ସେତେବେଳେ ଆଁହଜ଼ରତ ସ.ଅ ନିଜ ଜଙ୍ଘ ଉପରେ ହସ୍ତ ସ୍ପର୍ଶ କରି ଏହା କହୁଥିଲେ ଯେ, **ୱକାନଲ୍ ଇନ୍‌ସାନୁ ଅକ୍‌ସରା ଶୈଇନ୍ ଜଦଲା** । ଅର୍ଥାତ ମନୁଷ୍ୟ ସର୍ବାଧିକ ଯୁକ୍ତିତର୍କକାରୀ ଅଟେ । ଉକ୍ତ ଆୟତ୍‌ଟି କୁରଆନ୍‌ର ଅଟେ ଯାହାର ଅର୍ଥ ଏହା କି **ମାନବ ସବୁଠୁ ଅଧିକ କଳହକାରୀ । ମାନବ ନିଜର ଦୋଷକୁ ସ୍ୱୀକାର କରିବାକୁ କୁଣ୍ଠାବୋଧ ପ୍ରକାଶ କରେ ଏବଂ ବିଭିନ୍ନ ପ୍ରକାରର ଆଳ କରି ନିଜର ଦୋଷକୁ ଘୋଡ଼ାଇବାକୁ ଚେଷ୍ଟା କରିଥାଏ।** ଆଁହଜ଼ରତ ସ.ଅ କ୍ଷୁବ୍ଧ ହେବା ପରିବର୍ତ୍ତେ ଏଭଳି ଏକ ମୃଦୁଳ ଓ ସୌମ୍ୟ ଶୈଳୀ ଅବଲମ୍ବନ କଲେ ଯଦ୍ୱାରା ହଜ଼ରତ ଅଲୀ ନିଜ ଜୀବନର ଶେଷ ଦିନଗୁଡ଼ିକରେ ଉକ୍ତ ମିଷ୍ଟତାମୂଳକ ସ୍ୱାଦରୁ ଲାଭାନ୍ୱିତ ହେଉଥିଲେ । ଉକ୍ତ ହଦୀସ୍‌ରୁ ଆମେ ଅନେକ ବିଷୟରେ ଉପନୀତ ହୋଇଥାଉ । ଯେଉଁଥିରୁ ଆଁହଜ଼ରତ ସ.ଅଙ୍କ ଚରିତ୍ରର ବିଭିନ୍ନ ଦିଗ ଉପରେ ଆଲୋକ ପାତ ହୋଇଥାଏ ଏବଂ ଏଠାରେ ସେଗୁଡ଼ିକର ଚର୍ଚ୍ଚା କରିବା ସଠିକ୍ ସ୍ଥାନ ବୋଲି ମନେ ହେଉଛି । ହଜ଼ରତ ମସ୍ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, **ପ୍ରଥମତଃ** ଏହା ଜଣା ପଡୁଛି ଯେ, ଆଁହଜ଼ରତ ସ.ଅ ଧାର୍ମିକତାକୁ କେତେ ଗୁରୁତ୍ୱ ଦେଉଥିଲେ ଯେ, ରାତ୍ରବେଳେ ବୁଲି ନିଜର ବନ୍ଧୁ ପରିଜନମାନଙ୍କ ପ୍ରତି ଯତ୍ନବାନ ଥିଲେ । **ଦ୍ୱିତୀୟ** କଥା ଏହି କି ଯେ, ରାତ୍ର ସମୟରେ ନିଜ ଝିଅ ଓ ଜ୍ୱାଇଁଙ୍କ ଘରକୁ ଯିବା ଏବଂ ସେମାନଙ୍କୁ ନମାଜ଼ ତହଜ୍ଜୁଦ୍ ପାଇଁ ପ୍ରେରିତ କରିବା ଏହା ସେହି ପୂର୍ଣ୍ଣ ବିଶ୍ୱାସକୁ ଦର୍ଶାଏ ଯାହା ଆଁହଜ଼ରତ ସ.ଅଙ୍କୁ ଅଲ୍ଲାଃତାଲାଙ୍କର ସେହି ଶିକ୍ଷା ଉପରେ ପୂର୍ଣ୍ଣ ବିଶ୍ୱାସ ରହିଥିଲା ଏବଂ ଯେଉଁ ଶିକ୍ଷା ଉପରେ ଆଁହଜ଼ରତ ସ.ଅ ଲୋକମାନଙ୍କୁ ପରିଚାଳିତ କରିବା ପାଇଁ ଚାହୁଁଥିଲେ । **ତୃତୀୟ କଥା** ଏହି କି ଯେ, ଯାହାକୁ ମୁଁ ପ୍ରମାଣିତ କରିବା ପାଇଁ ଉକ୍ତ ଘଟଣାକୁ ବର୍ଣ୍ଣନା କରିଅଛି । ଆଁହଜ଼ରତ ସ.ଅ ପ୍ରତ୍ୟେକ କଥାକୁ ବୁଝାଇବା ପାଇଁ ବିନମ୍ରତାମୂଳକ ଆଚରଣ ପ୍ରଦର୍ଶନ କରୁଥିଲେ ଏବଂ କଳହ କରିବା ପରିବର୍ତ୍ତେ ପ୍ରେମ ଓ ସୌଜନ୍ୟତା ମାଧ୍ୟମରେ କୌଣସି ବ୍ୟକ୍ତିକୁ ତା'ର ଦୋଷ ସଂପର୍କରେ ସଚେତନ କରାଉଥିଲେ । ସୁତରାଂ ହଜ଼ରତ ଅଲୀ କରମହୁଲ୍ଲାଃହୁ ୱଜ୍‌ହହୁ କହନ୍ତି ମୁଁ ଏହାପର ଠାରୁ ଆଁହଜ଼ରତ ସଅଙ୍କ ଉକ୍ତ ଉପଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରି ନମାଜ଼ ତହଜ୍ଜୁଦ୍ କେବେ ଛାଡ଼ି ନାହିଁ ।

ହୁଜ଼ୁର ଅନୱର ଅ.ବ କହିଲେ: ଉକ୍ତ ଚର୍ଚ୍ଚାଟି ବର୍ତ୍ତମାନ ଅବ୍ୟାହତ ରହିଛି । ଆଗାମୀ ଖୁତ୍‌ବାରେ ମଧ୍ୟ **ଇନ୍‌ଶାଅଲ୍ଲାଃ** ଚର୍ଚ୍ଚା ହେବ । ପାକିସ୍ତାନରେ ଆଜିକାଲି ଯେଉଁ ପରିସ୍ଥିତି ରହିଛି ତାହା ଅତ୍ୟନ୍ତ ଭୟାବହ ଓ ଦୁର୍ବିସହ ହୋଇପଡ଼ିଛି । କେତେକ ଅଫିସରମାନେ ମୌଲବୀମାନଙ୍କ ପଛରେ ଚାଲି ଏବଂ ତାଙ୍କ ସହିତ ମିଶି ଆମମାନଙ୍କର ଯଥାସାଧ୍ୟ କ୍ଷତି ସାଧନ କରିବାକୁ ଉଦ୍ୟମ କରୁଛନ୍ତି । ଏଣୁ ଆପଣମାନେ ବିଶେଷ ରୂପେ ଦୁଆ କରନ୍ତୁ ଏବଂ ପାକିସ୍ତାନର ରବୱା ଠାରେ ବସବାସ କରୁଥିବା ଅହେମଦିମାନେ, ଅନ୍ୟ ସହରରେ ବାସ କରୁଥିବା ଅହେମଦିମାନେ ମଧ୍ୟ ଏହା ଦୁଆ କରନ୍ତୁ ଯେ ଅଲ୍ଲାଃତାଲା ସର୍ବତ୍ରରେ ସେମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ ଏବଂ ଉପଦ୍ରବକାରୀଙ୍କର ଉପଦ୍ରବ ଠାରୁ ସେମାନଙ୍କୁ ସୁରକ୍ଷିତ ରଖନ୍ତୁ । ଶତ୍ରୁର ମନ୍ଦ ଯୋଜନା ଓ ଷଡ଼ଯନ୍ତ୍ର କବଳରୁ ଅହେମଦିମାନଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ ଏବଂ ସେହି ଲୋକମାନଙ୍କୁ ଅଲ୍ଲାଃତାଲା ଯଥାଶୀଘ୍ର ନିଜ ଧର୍ମଦଣ୍ଡରେ ଦଣ୍ଡିତ କରନ୍ତୁ ।

ହୁଜ଼ୁର ଅନୱର ଅ.ବ କହିଲେ ନମାଜ଼ ଜୁମ୍ମା ପରେ ମୁଁ କେତେକ ମୃତକଙ୍କର ନମାଜ଼ ଯନାଜ଼ାଃ ଗାଏବ୍ ପଢେଇବି, **ପ୍ରଥମ** ମୃତକ ହେଉଛନ୍ତି ସମ୍ମାନନୀୟ ସ୍ୱର୍ଗତ କମାଣ୍ଡର୍ ଚୌଧୁରୀ ମୁହମ୍ମଦ୍ ଅସ୍‌ଲମ୍ ସାହେବ । **ଦ୍ୱିତୀୟ** ଯନାଜ଼ାଃ ହେଉଛି ସମ୍ମନନୀୟା ଶାହିନ୍ କମର୍ ସାହେବା ଓ ତାଙ୍କ ପୁତ୍ର ସମର୍ ଅହେମଦ୍ କମର୍ ସାହେବ । **ତୃତୀୟ** ଯନାଜ଼ାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ସଇଦା ଅଫଜ଼ଲ୍ ଖୋଖର୍ ସାହେବାଙ୍କର । ହୁଜ଼ୁର ଉକ୍ତ ମୃତକମାନଙ୍କର ପ୍ରଶଂସନୀୟ ଗୁଣାବଳୀର ଚର୍ଚ୍ଚା କଲେ ଏବଂ ନମାଜ଼ ଜୁମା ପରେ ଏମାନଙ୍କର ନମାଜ଼ ଯନାଜ଼ାଃ ପଢେଇଲେ ।

.........................

KHULASA KHUTBA JUMA HUZOOR ANWAR a.b.a

4th Dec 2020